# ଜନମତ ସୃଷ୍ଟି କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର ୧୭/୯/୧୬: ଏକ ସୁଦୃଢ଼ ଓ ଅର୍ଥପୂର୍ଣ୍ଣ ଗଣତନ୍ତ୍ର ପ୍ରତିଷ୍ଠା କରିବାରେ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସାମାଜିକ ପରିବର୍ତ୍ତନ, ଜନମତ ସୃଷ୍ଟି କରିବା ଓ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବା ଜଟିଳ ହୋଇଥିବାବେଳେ, ଗଣମାଧ୍ୟମ ଗଠନାତ୍ମକ ଭୂମିକା ପ୍ରଦର୍ଶନ କରିବା ଉଚିତ୍ ବୋଲି ବିଶେଷଜ୍ଞମାନେ ଏକ ଆଲୋଚନାଚକ୍ରରେ ମତବ୍ୟକ୍ତ କରିଥିଲେ ।

ଆଜି ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଆନୁକୂଲ୍ୟରେ ଅନୁଷ୍ଠିତ ଜନମତ ସୃଷ୍ଟି କରିବାରେ ଗଣମାଧ୍ୟମର ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଦିଲୀପ ବିଶୋଇ ଆଜିର ସମୟରେ ଗଣମାଧ୍ୟମର ସକରାତ୍ମକ ଓ ନକରାତ୍ମକ ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରତ୍ୟେକଟି ଘଟଣାର ସଠିକ ତଥ୍ୟ ଓ ମତ ସଂଗ୍ରହ କରି ଲୋକଙ୍କ ସାମ୍ନାରେ ଉପସ୍ଥାପନା କରିବା ଗଣମାଧ୍ୟମର ଲକ୍ଷ୍ୟ ହୋଇଥିବା ବେଳେ, ତାହା ଆଜିର ସାମ୍ବାଦିକତାରେ ପରିଲକ୍ଷିତ ହେଉନାହିଁ । ଅସ୍ୱାସ୍ଥ୍ୟକର ପ୍ରତିଯୋଗିତା ସାମ୍ବାଦିକତାକୁ ଏକ ଭିନ୍ନ ରୂପ ଦେଇଛି ଯାହା ସଠିକ୍ ଜନମତ ସୃଷ୍ଟି କରିବାରେ ବିଫଳ ହୋଇଛି । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ମଧ୍ୟ ଅନ୍ୟ ତିନୋଟି ସ୍ତମ୍ଭ ପରି ଦୁର୍ନୀତିଗ୍ରସ୍ତ ହେବାପରି ପରିଲକ୍ଷିତ ହେଉଛି ବୋଲି ସେ ମତବ୍ୟକ୍ତ କରିଥିଲେ । ସେ ସ୍ୱାଧିନତା ସମୟଠାରୁ ଆରମ୍ଭକରି କଳାହାଣ୍ଡିରେ ଘଟିଥିବା ଦାନ ମାଝିର ଦୁଃଖଦ ଘଟଣା ଇତ୍ୟାଦିକୁ ଉଦାହରଣ ଦେଇଥିଲେ ।

ଅନ୍ୟତମ ବ୍ୟକ୍ତା ଓଡିଆ ଦୈନିକ ଖବରକାଗଜ ସମୟର ସମ୍ପାଦକ ସତ୍ୟପ୍ରକାଶ ନାୟକ ସାମ୍ବାଦିକତାର ପ୍ରକୃତ ଭୂମିକା ଉପରେ ଗୁରୁତ୍ୱଦେଇ କହିଲେ ଯେ ଆଜିର ସାମ୍ବାଦିକ ବନ୍ଧୁମାନେ ଜନସାଧାରଣଙ୍କର ସନ୍ଦେହର ଉର୍ଦ୍ଧ୍ୱରେ ରହି ସମାଜର ସମସ୍ୟାକୁ ସମାଧାନ କରିବାରେ ଆବଶ୍ୟକତା ରହିଛି । ନଗଡାର ଅପପୁଷ୍ଟି, କଳାହାଣ୍ଡିର ଦାନ ମାଝି, ଚିଟ୍‌ଫଣ୍ଡ ଦୁର୍ନୀତି ଓ ଭଣ୍ଡବାବା ଇତ୍ୟାଦି ଘଟଣା ମାନଙ୍କୁ ଦୃଷ୍ଟାନ୍ତ ଦେଇ ଜନମତ ସୃଷ୍ଟିକରିବାରେ ଗଣମାଧ୍ୟମର ଭୂମିକାକୁ ପ୍ରଶଂସା କରିଥିଲେ ।

ଶେଷରେ ଛାତ୍ରଛାତ୍ରୀମାନେ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଭାଗ ନେଇ ସେମାନଙ୍କର ବିଷୟଗତ ସଂଦେହ ଦୂର କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଉପେନ୍ଦ୍ର ପାଢୀ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ । ଏଥିରେ ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।